## ବୃଷ୍ଟି ଜଳ ଅମଳର ପ୍ରଣାଳୀ



ଆବଶ୍ୟକତା, ଉପଲବ୍ଧ ସୁବିଧା ସୁଯୋଗ ତଥା ପରିସ୍ଥିତି ଅନୁଯାୟୀ ବୃଷ୍ଟି ଜଳ ଅମଳର ବିଭିନ୍ନ ପ୍ରଣାଳୀ ଗ୍ରହଣ କରାଯାଏ। ଯଥା–

**୧. ଗର୍ତ୍ତ ନିର୍ମାଣ :** ଯେଉଁ ଅଂଚଳ ଭୂତଳ ଜଳ ପ୍ରଚୁର ପରିମାଣରେ ନଥାଏ, ସେହି ଅଂଚଳରେ ଏହି ପ୍ରଣାଳୀରେ ଜଳ ଅମଳ କରାଯାଏ। ଏଥିରେ ଛୋଟ ଛୋଟ ଗର୍ତ୍ତ ନିର୍ମାଣ କରି ଜଳସଂଗ୍ରହ କରାଯାଏ। ଏହି ଗର୍ତ୍ତଗୁଡ଼ିକ ୧-୨ ମିଟର ଚଉଡା ଓ ୨-୩ ମିଟର ଗଭୀରତା ବିଶିଷ୍ଟ କରାଯାଏ । ଏଗୁଡ଼ିକ ଭିତରେ ବାଲି ଓ ଗୋଡି ଆଦି ଭର୍ତ୍ତି କରାଯାଇଥାଏ। ଏହା ମଧ୍ୟଦେଇ ବର୍ଷା ପାଣି ସହଜରେ ଶୋଷିତ ହୋଇ ଜଳ ସଂରକ୍ଷଣ ସହିତ ଭୂତଳ ଜଳର ଉତ୍ସ ବୃଦ୍ଧି ହୁଏ।

**୨. ଖାଇ ନିର୍ମାଣ :** ସଛିଦ୍ର ଶିଳାସ୍ତର ଥିବା ନିମ୍ନ ଅଂଚଳରେ ୦.୫ ରୁ ୧ ମି. ଚଉଡା ବିଶିଷ୍ଟ ତଥା ୧.୫ ମି. ଗଭୀରତା ବିଶିଷ୍ଟ ଓ ୧୦-୧୫ ମି. ଲମ୍ବର ଖାଇ ଖୋଳାଯାଇ ତା'ଭିତରେ ଗୋଡି ଭର୍ତ୍ତି କରାଯାଏ। ଖାଇଗୁଡ଼ିକ ଭୂମିର ଡାଲୁ ସହିତ ସମାନ୍ତରାଳ ଭାବେ ନିର୍ମାଣ କରାଯିବା ଉଚିତ।

**୩. କୂଅର ବ୍ୟବହାର:**

ପୂର୍ବରୁ ଶୁଖିଯାଇଥିବା, କାମରେ ଲାଗୁନଥିବା କୂଅଗୁଡ଼ିକୁ ବୃଷ୍ଟି ଜଳ ସଂରକ୍ଷଣ ପାଇଁ ବ୍ୟବହାର କରିପାରିବା।

୪. ନୂତନ ଜଳାଶୟ ସୃଷ୍ଟି ଓ ପରିଖିବା ଗ୍ରାମମାନଙ୍କରେ ନୂତନ ଜଳାଶୟ ଯଥା- କୂଅ, ବନ୍ଧ ଓ ଚହଲା ଇତ୍ୟାଦି ନିର୍ମାଣ କରି ଜଳ ସଂରକ୍ଷଣ ସହିତ ଏହାର ରକ୍ଷଣାବେକ୍ଷଣ କରିବା।

## ପୁରାତନ ଜଳାଶୟ ପୁନଃଉଦ୍ଧାର, ମରାମତି ଓ ରକ୍ଷଣାବେକ୍ଷଣ

ପୁରାତନ ପୋଖରୀ, ବନ୍ଧ ଓ ଚହଲାର ପୁନଃଉଦ୍ଧାର ଓ ଏହାର ରକ୍ଷଣାବେକ୍ଷଣ ସହିତ ଜଳ ସଂରକ୍ଷଣ ଓ ଜଳର ଉତ୍ସ ବୃଦ୍ଧି କରିବା

**ଜଳ ସଂରକ୍ଷଣ ଓ ରକ୍ଷଣା ବେକ୍ଷଣ ନିମନ୍ତେ କେତୋଟି ପଦକ୍ଷେପ**

୧. ଉଚ୍ଚସ୍ଥାନ (ପାହାଡ)ରୁ ଗଡି ଆସୁଥିବା ଜଳଗୁଡ଼ିକ ପଥର ବନ୍ଧ, ଟାଙ୍କି କିମ୍ବା ଏକ ଆବଦ୍ଧକ୍ଷେତ୍ର ୫୦-୫୦ ମଡେଲଗୁଡ଼ିକ ନିର୍ମାଣ କରିବା।



୨. ବର୍ଷା ଜଳ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ସହିତ ବାଡି ବଗିଚାରେ ପନିପରିବା ଚାଷ କରି ଆତ୍ମନିର୍ଭରଶୀଳ ହେବା ଓ ଜଳର ଉତ୍ସ ବୃଦ୍ଧି କରିବା

## ଛାତ ଉପରେ ବର୍ଷା ଜଳ ଅମଳ ଓ ଭୂତଳ ଜଳ ପୁନଃଭରଣ

ଓଡ଼ିଶା ସରକାରଙ୍କର ଜଳ ସମ୍ପଦ ବିଭାଗ ଦ୍ୱାରା ୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟର ସହରାଂଚଳଗୁଡ଼ିକରେ ଛାତ ଉପରେ ବର୍ଷା ଜଳ ଅମଳ ଓ ଭୂତଳ ଜଳ ପୁନଃଭରଣ ପାଇଁ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାଟି ଆସନ୍ତା ୫ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ । ପ୍ରଥମ ପର୍ଯ୍ୟାୟରେ ଯୋଜନାଟି ଭୂତଳ ଜଳ ସର୍ବେକ୍ଷଣ ଓ ଅନୁସନ୍ଧାନ ନିର୍ଦ୍ଦେଶାଳୟ ଦ୍ୱାରା ଭୁବନେଶ୍ୱର, ବ୍ରହ୍ମପୁର, ଟିଟିଲାଗଡ, ବଲାଙ୍ଗୀର ଓ ଝାରସୁଗୁଡା ସହରଗୁଡ଼ିକରେ କାର୍ଯ୍ୟକାରୀ କରାଯାଉଅଛି । ଯୋଜନାର ସବିଶେଷ ବିବରଣୀ ଜଳ ସମ୍ପଦ ବିଭାଗର ୱେବସାଇଟ୍ http://dowroeishରୁ ଉପଲବ୍ଧ ହୋଇପାରିବ । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ସହରାଂଚଳରେ ଥିବା ସରକାରୀ ଓ ବେସରକାରୀ କୋଠାଘରଗୁଡ଼ିକରେ ବହୁ ସଂଖ୍ୟାରେ ଛାତ ଉପର ବର୍ଷା ଜଳ ଅମଳ ବ୍ୟବସ୍ଥା ସୃଷ୍ଟି କରିବା, ଯାହାକି ଭୂତଳ ଜଳର ସ୍ତର ଓ ଗୁଣାତ୍ମକମାନ ବୃଦ୍ଧି କରିବାରେ ସାହାଯ୍ୟ କରିବ । ଆଗ୍ରହୀ ବ୍ୟକ୍ତିମାନେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଏବଂ ଆନୁସାଙ୍ଗିକ ସୂଚନା ନିମ୍ନଲିଖିତ ବିଭାଗୀୟ କାର୍ଯ୍ୟାଳୟ କିମ୍ବା ସିଧାସଳଖ ଉପରୋକ୍ତ ୱେବସାଇଟରୁ ପାଇପାରିବେ । ଦରଖାସ୍ତ ସହିତ ଯେକୌଣସି ଜାତୀୟକରଣ ବ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଟ ୧୦୦/-ର ବ୍ୟାଙ୍କଡ୍ରାଫ୍ଟ (Director G.W.S & I Payable at Bhubaneswar)ସୂଚୀତ କାର୍ଯ୍ୟାଳୟଗୁଡ଼ିକରେ ଦାଖଲ କରିପାରିବେ ।

## ସଂକ୍ଷିପ୍ତ ସୂଚନା

- ଛାତର ୨୦୦ ବର୍ଗମିଟର (୨୧୫୦ ବର୍ଗଫୁଟ)ରୁ କମ ଏବଂ ତିନିମହଲାରୁ କମ ହୋଇଥିବା କୋଠାଘର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବ ।
- ଭୂତଳ ଜଳ ସର୍ବେକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟାଳୟ ଅଧିକାରୀ କିମ୍ବା ପଞ୍ଜିକୃତ ପରାମର୍ଶଦାତାଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଗୃହମାଲିକମାନେ ସେମାନଙ୍କର ନିଜ ଖର୍ଚ୍ଚରେ RRHSଗୁଡ଼ିକ ସମ୍ପୂର୍ଣ୍ଣ କରିବେ ।
- ପ୍ରକୃତ ଖର୍ଚ୍ଚର ୫୦ ପ୍ରତିଶତ କିମ୍ବା ସର୍ବାଧିକ ଟ ୪୫୦୦୦/- ରିହାତି ଭାବେ ଗୃହମାଲିକଙ୍କ ବ୍ୟାଙ୍କ ଆକାଉଂଟରେ ଜମା କରାଯିବ ।
- ଜନସାଧାରଣଙ୍କର ଆଗ୍ରହ ଏବଂ ସରକାରଙ୍କର ଅନୁମୋଦନ ଭିତିରେ ଅନ୍ୟାନ୍ୟ ସହରାଞ୍ଚଳଗୁଡ଼ିକ ପର୍ଯ୍ୟାୟକ୍ରମେ ଏହି ଯୋଜନା ଅନ୍ତର୍ଭୁକ୍ତ କରାଯିବ।



# ଜଳ ହିଁ ଜୀବନ



ସୌଜନ୍ୟ: ଚଲେ ଚଲୋ,
ରଘୁନାଥପୁର ଜାଲି, ଭୁବନେଶ୍ୱର
ପିନ୍: ୭୫୪୦୦୫

## ଜଳ ହିଁ ଜୀବନ

ଜଳ ବିନା ଜୀବନର କଳ୍ପନା କରାଯାଇ ପାରେନା। ସମସ୍ତ ଜୀବଜଗତର ପାଂଚଟି ମୌଳିକ ଉପାଦାନ ମଧ୍ୟରେ ଜଳ ଅନ୍ୟତମ। ଅନ୍ୟ ଉପାଦାନ ସୂର୍ଯ୍ୟ ରଶ୍ମି, ପବନ, ପୃଥିବୀ (ମାଟି) ଓ ଆକାଶ (କ୍ଷିତ, ଆପ, ତେଜ, ମାରୁତି ଓ ବ୍ୟୋମୋ) ଆଦି ହେତୁ ସମସ୍ତ କୀଟ, ପତଙ୍ଗ, ପଶୁପକ୍ଷୀ, ବୃକ୍ଷଲତା, ମଣିଷ ଆଦି ଜୀବଜଗତରେ ସ୍ଥିତି ବଜାଏ ରହିଛି। ବିଚିତ୍ର କଥାଟି ହେଉଛି କେବଳ "ଜଳ" ଛାଡ଼ିଦେଲେ ଅନ୍ୟ ଉପାଦାନଗୁଡ଼ିକ ନିୟନ୍ତ୍ରଣ ମଣିଷ ହାତରେ ନଥାଏ। ଜଳରେ ଜୀବନ ସୃଷ୍ଟି ହୋଇଥିଲା। ସମସ୍ତ ପ୍ରକାର ଜୀବନ ସୃଷ୍ଟିରେ ଜଳର ବିଶେଷ ଭୂମିକା ରହିଛି। ପ୍ରାଣୀ ଶରୀରରେ ୬୫% ଓ ଉଦ୍ଭିଦରେ ୯୨% ପର୍ଯ୍ୟନ୍ତ ଜଳ ରହିଛି। ଏଥିରୁ ଜଳର ଆବଶ୍ୟକତା ଓ ଉପଯୋଗିତା ସହଜରେ ଜଣାପଡ଼େ। ପ୍ରକୃତିର ଅମୂଲ୍ୟ ଉପହାର ଜଳର ବହୁବିଧ ବ୍ୟବହାର କରାଯାଏ। ବିକାଶ ପାଇଁ ଜଳ ଅତ୍ୟନ୍ତ ଆବଶ୍ୟକ।



## ଜଳ ସମ୍ବଳ

ଜଳ ପ୍ରକୃତିର ସର୍ବଶ୍ରେଷ୍ଠ ମୂଲ୍ୟବାନ ସମ୍ବଳ । ଏହା ନବୀକରଣ ଯୋଗ୍ୟ ଓ ଅକ୍ଷୟ ସମ୍ବଳ ଅଟେ। ମାତ୍ର ଆଜିକାଲି ଏହି ସମ୍ବଳ ସଂକଟଗ୍ରସ୍ତ ହୋଇଛି । ଜଳର ଚାହିଦା ଲଗାତାର ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ଯୋଗାଣ ହ୍ରାସ ପାଉଛି, ବିଶ୍ୱଜନ ସଂଖ୍ୟାର। ୬ ପ୍ରତିଶତ ଭାରତରେ ଥିବା ବେଳେ ବିଶ୍ୱ ଜଳ ପରିମାଣର ମାତ୍ର ୪ ପ୍ରତିଶତ ଏଠାରେ ରହିଛି । ଏଥିରୁ ଜଣାପଡ଼େ ଯେ, ଆମ ଦେଶରେ ମୁଣ୍ଡ ପିଛା ଜଳର ପରିମାଣ ଅତ୍ୟନ୍ତ କମ୍। ସେତିକି ଅଂଚଳ ଅନୁଯାୟୀ ଭାରତ ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆମ ଦେଶ ମୋଟ କ୍ଷେତ୍ରଫଳର ଏକ ଅଷ୍ଟମାଂସ ବନ୍ୟାପ୍ରବଣ ଓ ଏକ-ଷଷ୍ଠାଂଶ ମରୁଡ଼ି ପ୍ରବଣ ଅଟେ। ଏଥିପାଇଁ ମୌସୁମୀର ପ୍ରକୃତି ଉତରଦାୟୀ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ପାଇଁ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟର ମାତ୍ରାଧିକ ଆବଶ୍ୟକତା ପଡୁଛି । ତେଣୁ ଫସଲ ପାଇଁ ଜଳସେଚନର ଆବଶ୍ୟକତା ହେତୁ ଜଳର ବହୁଳ ଉପଯୋଗୀ ହେଉଛି । ଦ୍ରୁତ ଶିଳ୍ପାୟନ, ସହରୀକରଣ ଓ ଆଧୁନିକୀକରଣ ପାଇଁ ସହରାଂଚଳରେ ଜଳର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। କେବଳ ସେତିକି ନୁହେଁ, ଦୂଷିତ ଜଳ ଓ ସମସ୍ତ ପ୍ରକାର ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ମଧ୍ୟ ଜଳର ଆବଶ୍ୟକତା ପଡୁଛି।

## ଜଳର ଉତ୍ସ

ଜଳର ମୁଖ୍ୟତଃ ୪ଟି ଉତ୍ସ। ଯଥା- (୧) ଭୂପୃଷ୍ଠ ଜଳ, (୨) ଭୂଗର୍ଭ ଜଳ, (୩) ବାୟୁ ମଣ୍ଡଳୀୟ ଜଳ ଓ (୪) ସାମୁଦ୍ରିକ ଜଳ। ମାତ୍ର ଦୈନନ୍ଦିନ ଆବଶ୍ୟକତା ପାଇଁ ଆମ ଭୂପୃଷ୍ଠ ଜଳ ଓ ଭୂଗର୍ଭ ଜଳ ବ୍ୟବହାର କରୁ।

### (କ) ଭୂପୃଷ୍ଠ ଜଳ :

ବର୍ଷଣ ହିଁ ଭୂପୃଷ୍ଠ ଜଳର ମୁଖ୍ୟ ଉତ୍ସ। ବର୍ଷଣର ଶତକଡ଼ା ୨୦ ଭାଗ ବାଷ୍ପିଭୂତ ହୋଇ ବାୟୁମଣ୍ଡଳରେ ମିଶେ । ପ୍ରବାହିତ ଜଳର କିଛି ଅଂଶ ଭୂ-ଗର୍ଭକୁ ଶୋଷିତ ହୁଏ। ଭୂପୃଷ୍ଠ ଜଳର ଅଧିକାଂଶ ଭାଗ ନଦୀ, ଝରଣା, ପୋଖରୀ ଓ ହ୍ରଦ ଆଦିରେ ମିଶେ । ବଳକା ଅଂଶ ସମୁଦ୍ରକୁ ପ୍ରବାହିତ ହୋଇଥାଏ । ଭୂପୃଷ୍ଠ ଉପଲବ୍ଧ ଜଳକୁ ଭୂ-ପୃଷ୍ଠ ଜଳ କୁହାଯାଏ ।



### (ଖ) ଭୂ-ଗର୍ଭ ଜଳ/ଭୂ-ତଳ ଜଳ:

ବର୍ଷା ଜଳ ଭୂଗର୍ଭକୁ ଶୋଷିତ ହୋଇ ଭୂ-ଗର୍ଭ ଜଳରେ ପରିଣତ ହୁଏ। ଶୋଷଣ ପ୍ରକ୍ରିୟା ଭୂ-ପୃଷ୍ଠ ଜଳରେ ମଧ ହୁଏ ଅର୍ଥାତ ଉଭୟ ଭୂ-ପୃଷ୍ଠ ଜଳ ଓ ବର୍ଷା ଜଳ ଶୋଷିତ ହୋଇ ଭୂପୃଷ୍ଠ ତଳେ ସଂଗୃହୀତ ହୋଇ ଭୂ-ଗର୍ଭ ଜଳରେ ପରିଣତ ହୁଏ । କେନ୍ଦ୍ରୀୟ ଭୂ-ଗର୍ଭ ଜଳ ବୋର୍ଡ ଅନୁସାରେ ଭାରତରେ (୧୯୯୪-୯୫) ନବୀକରଣଯୋଗ୍ୟ ଭୂ-ଗର୍ଭ ଜଳ କ୍ଷମତା ବାର୍ଷିକ ପ୍ରାୟ ୪୩୧୦ ବିଲିୟନ ଘନ ମିଟର ଥିଲା। ଏଥିରୁ ପ୍ରାୟ ୩୯୭୦ ବିଲିୟନ ଘନମିଟର ଜଳ ବ୍ୟବହାର ପାଇଁ ଉପଲବ୍ଧ ହୁଏ । ଭୂଗର୍ଭ ଜଳର ବିତରଣ ସବୁଆଡ଼େ ସମାନ ନୁହେଁ । ଏହି ଜଳର ଉପଲବ୍ଧତା ବୃଷ୍ଟିପାତର ପରିମାଣ, ବୃଷ୍ଟିପାତର ପ୍ରକୃତି, ଭୂମିର ସ୍ୱଭାବ ଓ ଭୂମିର ଗଡାଣି ଉପରେ ନିର୍ଭର କରେ ।

## ଜଳର ଉପଯୋଗିତା

ଭାରତରେ ଜନସଂଖ୍ୟା ଦ୍ରୁତ ଗତିରେ ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି। ସ୍ୱାଧୀନତା ପ୍ରାପ୍ତିଠାରୁ ଜନସଂଖ୍ୟା ପ୍ରାୟ ତିନିଗୁଣ ବୃଦ୍ଧି ପାଇଛି । ଜନସଂଖ୍ୟାର ଏହିପରି ବୃଦ୍ଧି ଯୋଗୁଁ ଜଳର ଚାହିଦା ମଧ ବୃଦ୍ଧି ପାଇଛି। ପାନୀୟ ଜଳ, ଜଳସେଚନ ଓ କଳକାରଖାନା ଉଦ୍ଦେଶ୍ୟରେ ଜଳର ଚାହିଦା ବେଶୀ। ତେଣୁ ମୁଣ୍ଡ ପିଛା ଜଳର ବାର୍ଷିକ ଉବଲବ୍ଧତା ହ୍ରାସ ପାଉଛି । ୧୯୯୧ ମସିହାରେ ମୁଣ୍ଡପିଛା ଜଳର ବାର୍ଷିକ ଉପଲବ୍ଧତା ୫୧୭୭ ଘନମିଟର ଥିଲା। ୨୦୦୧ ମସିହା ବେଳକୁ ଏହା ହ୍ରାସ ପାଇ ୧୮୨୯ ଘନମିଟର ହେଲା। ଅନୁମାନ କରାଯାଏ ଆସନ୍ତା ୨୦୨୫ ମସିହା ବେଳକୁ ଯଦି ମୁଣ୍ଡପିଛା ଜଳର ବାର୍ଷିକ ଉପଲବ୍ଧତା ୧୩୪୨ ଘନମିଟରକୁ ଖସିଆସେ, ତେବେ ଜଳ ସଂକଟ ଦେଖାଯିବ। ଆଜି ଅନେକ ଦେଶ ଜଳ ସଂକଟର ସମ୍ମୁଖୀନ ହେଉଛନ୍ତି । ସେହି ଦେଶମାନଙ୍କୁ ଜଳ ସଂରକ୍ଷଣ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ।



## ଜଳ ସଂରକ୍ଷଣ ସମ୍ପର୍କିତ କେତୋଟି ସୂଚନା

୧. ଜଳ ହିଁ ଜୀବନ। ତେଣୁ ଜଳର ସଂରକ୍ଷଣ ଅତ୍ୟନ୍ତ ଆବଶ୍ୟକ। ବ୍ୟକ୍ତିବିଶେଷ, ସମାଜ ତଥା ସରକାରଙ୍କ ଆପୋଷ ସହଯୋଗରେ ଜଳ ସଂରକ୍ଷଣ କରାଯାଇ ପାରିବ। ନିମ୍ନଲିଖିତ ପ୍ରଣାଳୀ ଦ୍ୱାରା ଜଳ ସଂରକ୍ଷଣ କରାଯାଇ ପାରିବ ।

୧. ନଦୀ ଉପରେ ବନ୍ଧ ଓ ଜଳଭଣ୍ଡାର ନିର୍ମାଣ ଦ୍ୱାରା ନଦୀର ସମସ୍ତ ଜଳ ସମୁଦ୍ରକୁ ପ୍ରବାହିତ ହୋଇପାରିବ ନାହିଁ ।
୨. ସହର ପ୍ରଦୂଷଣରୁ ନଦୀ ଜଳକୁ ମୁକ୍ତ ରଖିବା ଉଚିତ।
୩. ବନ୍ୟା ନିୟନ୍ତ୍ରଣ ପାଇଁ ଗମ୍ଭିରତାର ସହ ଚେଷ୍ଟା କରାଯିବା ଉଚିତ ।
୪. ଜଳର ସଦୁପୋଯୋଗ କରାଯିବା ଆବଶ୍ୟକ ।
୫. ଦୈନନ୍ଦିନ ବ୍ୟବହାର ଯଥା- ଦାନ୍ତ ଘସିବା, ଗାଧୋଇବା ଓ ବାସନ ମାଜିବା ସମୟରେ ପାଣି କଳ ଖୋଲା ରଖି ଅଯଥାରେ ନଷ୍ଟ ନକରିବା।
୬. ଜଳ ସଂରକ୍ଷଣ ପାଇଁ ସମୂହ ଜଳ ସଚେତନତା ସୃଷ୍ଟି କରିବା।
୭. ଜଳ ସଂରକ୍ଷଣ ଓ ଜଳର ସୁବିନିଯୋଗ ବା କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସାମିଲ କରାଇ ସେମାନଙ୍କର ମତାମତ ଓ ସହଯୋଗ କାମନା କରିବା।
୮. ଜଳାଶୟଗୁଡ଼ିକୁ ପ୍ରଦୂଷଣ ମୁକ୍ତ ରଖିବା।



୯. ଭଙ୍ଗାରୁଜା ପାଇପ୍ ଲାଇନର ତତ୍‌କ୍ଷଣାତ୍ ମରାମତି କରିବା।
୧୦. ପ୍ରତ୍ୟେକ ଜଳବୁନ୍ଦା ମୂଲ୍ୟବାନ। ଏହି ସଚେତନତା ଲୋକଙ୍କ ଭିତରେ ସୃଷ୍ଟି କରାଇବା।
୧୧. ବ୍ୟାପକ ବୃକ୍ଷରୋପଣ କରିବା।
୧୨. ଜଳ ହିଁ ମୂଲ୍ୟବାନ ସମ୍ପଦ, ଦେଶର ଆର୍ଥିକ ବିକାଶ କ୍ଷେତ୍ରରେ ମୁଖ୍ୟ ସହାୟକ, ତେଣୁ ସବୁ ପରିସ୍ଥିତିରେ ଜଳ ସଂଚୟ କରିବା।

**ଜଳ ହିଁ ଜୀବନ। ଏଣୁ ଆସନ୍ତୁ ମିଳିମିଶି ଜଳ ସଂରକ୍ଷଣ କରି ଜୀବନ ଓ ଜୀବିକାକୁ ସୁରକ୍ଷିତ କରିବା।**